www.prepp.in

Prepp
Your Personal Exams Guide

**SET-4**

**Series GBM**

**Code No. 13**

Candidates must write the Code on the title page of the answer-book.

Roll No.

- Please check that this question paper contains **5** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **9** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 100*

*Time allowed : 3 hours* | *Maximum Marks : 100*

## 'କ' ବିଭାଗ

**1.** ନିମ୍ନଲିଖିତ ଅନୁଚ୍ଛେଦଟିକୁ ପାଠକରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । *2×5=10*

'ମେରାଭାରତ ମହାନ୍', ହେଲେ ଯେଉଁମାନେ ଏହାର ଲଗାମ ଧରିଛନ୍ତି ବା ଧରିବା ପାଇଁ ସର୍ବଦା ଉଦ୍ୟମରତ, ସେଇମାନେ କଥାଟିକୁ ବୁଝି ନ ବୁଝିଲା

Prepp
Your Personal Exams Guide

ପରି ଭାବ ଦେଖାଉଛନ୍ତି । ଏମାନଂକୁ ଭବିଷ୍ୟତ ବଂଶଧରଗଣ କ୍ଷମା ଦେବେନାହିଁ । ଆମେରିକାନ୍ ଏକ୍ସପ୍ରେସ୍ ତାହାର ମ୍ୟାନେଜରଓ କର୍ମଚାରୀଙ୍କୁ ବାର୍ଷିକ ବେତନ ଦେଉଥିଲା ହାରାହାରି ସାତଲକ୍ଷଟଙ୍କା । ଜର୍ମାନୀର ବ୍ୟାଙ୍କ ତାହାର ଭାରତ ଶାଖାରେ ଦରମା ଦେଉଥିଲା ବର୍ଷକୁ ପାଞ୍ଚଲକ୍ଷ ଟଙ୍କା । ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ଦିଏ ଲକ୍ଷେ ଷାଠିଏ ହଜାର ଟଙ୍କା । ଯୁକ୍ତରାଷ୍ଟ୍ର, ବିଲାତ, ଜର୍ମାନ, ଜାପାନ, ବ୍ୟାଙ୍କାକ୍ ପରି ଆମଦେଶ ବ୍ୟାଙ୍କଗୁଡ଼ିକ ଆହୁରି ଉଚ୍ଚ ହାରରେ ଆମକୁ ଦରମାଓ ଭତ୍ତା ଦିଅନ୍ତୁ ବୋଲି ଆମର ଟ୍ରେଡ ୟୁନିୟନମାନେ ଦାବି କରୁଛନ୍ତି, ଧାରଣା ଦେଉଛନ୍ତି ଓ ସରକାରଙ୍କ ଉପରେ ଚାପ ପକାଉଛନ୍ତି । ଆମେ ସାଧାରଣ ଗ୍ରାହକ ଆମ ବ୍ୟାଙ୍କରୁ ଯେଉଁପ୍ରକାର ସେବା ପାଉଛୁ, ସେଇ ପରିପ୍ରେକ୍ଷୀରେ ଆମେ ଭାବିପାରୁନୁ ଯେ ବର୍ଷକୁ ଲକ୍ଷେ ଷାଠିଏ ହଜାର ଟଙ୍କା ପରିବର୍ତ୍ତେ ଯଦି ସାତଲକ୍ଷଟଙ୍କା ଆମେରିକା ଏକ୍ସପ୍ରେସ ହାରରେ ଷ୍ଟେଟବ୍ୟାଙ୍କ ମ୍ୟାନେଜରଓ କର୍ମଚାରୀଗଣ ପାଇବେ, ତେବେ ସେବା ଯୋଗାଣ ଉନ୍ନତ ହୋଇଯିବ ।

(କ) କେଉଁମାନଂକୁ ଭବିଷ୍ୟତ ବଂଶଧରଗଣ କ୍ଷମା ଦେବେନାହିଁ ?

(ଖ) ଟ୍ରେଡ ୟୁନିୟନଗଣ କେଉଁକଥା ଦାବି କରୁଛନ୍ତି ?

(ଗ) ମ୍ୟାନେଜର ଓ କର୍ମଚାରୀଙ୍କୁ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ବାର୍ଷିକ କେତେ ଦରମା ଦେଇଥାଏ ?

(ଘ) ସାଧାରଣ ନାଗରିକ କେଉଁ ପରିପ୍ରେକ୍ଷୀରେ କ'ଣ ଭାବି ପାରୁନାହିଁ ?

(ଙ) କେଉଁ ପରିସ୍ଥିତିରେ ସେବା ଯୋଗାଣ ଉନ୍ନତ ହୋଇଯିବ ?

## 'ଖ' ବିଭାଗ

**2.** ଯେ କୌଣସି ***ଗୋଟିଏ*** ବିଷୟରେ ପ୍ରବନ୍ଧଲେଖ । (ଶବ୍ଦସଂଖ୍ୟା 250 ରୁ 300) *12*

(କ) ସୀମାବିବାଦ

(ଖ) କଂପ୍ୟୁଟର ଶିକ୍ଷାର ଉପାଦେୟତା

(ଗ) ରେଡକ୍ରସ୍

**3.** ତୁମ ଅଞ୍ଚଳରେ ଗୋଟିଏ ପୋଷ୍ଟଅଫିସ୍ ଖୋଲିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ । *8*

**କିମ୍ବା**

ଇନ୍ଦିରା ଆବାସ ବଣ୍ଟନରେ ଅନିୟମିତା ଦର୍ଶାଇ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ

**4.** (କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥକ ଶବ୍ଦ ଲେଖ । (5ଟିର) *1×5=5*

ଉନ୍ନତି, ଆସ୍ତିକ, ଉତ୍କର୍ଷ, ଜ୍ୟେଷ୍ଠ, ନିନ୍ଦା, ନୂତନ, ପୁରସ୍କାର

(ଖ) ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (5ଟିର) *1×5=5*

ଗଡ-ଗଡ, ଘଡ଼ି-ଘଡ଼ି, କଟକ-କଟକ, ଯାତ-ଜାତ, ପାଶ-ପାଶ, ନିଶା-ନିଶା, ପାଗ-ପାଗ

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଭ୍ରମ ସଂଶୋଧନ କର । (5ଟିର) *1×5=5*

ଆଶୀଷ, ଉଜ୍ଜଳ, ଗୃହୀତା, ତ୍ୟଜ୍ୟ, ଦୁର୍ବା, ଦିପ୍ତୀ, ଜୀବୀତ

(ଘ) ଏକଶବ୍ଦରେ ପ୍ରକାଶ କର । (5ଟିର) *1×5=5*

ପାନ କରିବାର ଇଚ୍ଛା, ଦୁଃଖରେ ଯାହାଲାଭ କରାଯାଏ, ଆଗରେ ଜନ୍ମିଅଛିଯେ, ସାଧୁରଭାବ, ପାଦଠାରୁ ମସ୍ତକପର୍ଯ୍ୟନ୍ତ, ନାହିଁକପଟ ଯହିଁରେ, ମୃତ ହୋଇଅଛି ଜାର ଯାହାର

## 'ଘ' ବିଭାଗ

**5.** 'ଜାତିର ଜୀବନ ଓ ସଂସ୍କୃତି'ରୁ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଦର୍ଶାଅ । *10*

**କିମ୍ବା**

ଭୁଲ୍‌କୁ ଏକ ରୋଗ ବୋଲି କୁହାଯାଇଛି ପଠିତ ପ୍ରବନ୍ଧ ଅବଲମ୍ବନରେ ବିଚାର କର ।

**6.** ଶ୍ମଶାନ ଏକ ତୀର୍ଥଭୂମି ବୋଲି କାହିଁକି କୁହାଯାଇଛି, ବିଚାର କର । *8*

**କିମ୍ବା**

ଧର୍ମପଦର ଆତ୍ମଲିପିରେ ଜାତୀୟତା ଓ ସ୍ୱଦେଶପ୍ରେମ କିପରି ପ୍ରକଟିତ ହୋଇଛି, ଆଲୋଚନା କର ।

**7.** ସପ୍ରସଙ୍ଗ ସରଳାର୍ଥ ଲେଖ । *6×2=12*

(କ) ସବୁ କ୍ଷୁଦ୍ରଜାତି ମିଳିତହୋଇ ଏକ ମହାଭାରତୀୟ ଜାତିରେ ପରିଣତ ହେବା – ବିଧାତାଙ୍କ କୃପାରେ ସେ ସୁଦିନ ଶୀଘ୍ର ଅବତୀର୍ଣ୍ଣ ହେଉ ।

**କିମ୍ବା**

ଏକେତ ମନୁଷ୍ୟ ଭାବପ୍ରବଣ, ତା'ପରେ ଭ୍ରମ-ପ୍ରମାଦ ପାଇ-ଏ ଜଗତରେ ପ୍ରଲୋଭନ ଓ ଉପାଦାନରେ ଅଭାବ ନାହିଁ ।

(ଖ) ଶ୍ରବଣେ ଦୋଳଇ କୁଣ୍ଡଳ
          ଦୋଳେ ନୀଳ ଅଳକ
ଲାବଣ୍ୟ-ଦର୍ପଣ ପରାୟେ
          ଝଳେ ଗଣ୍ଡ-ଫଳକ

**କିମ୍ବା**

ରାଘବ-ବଧୂର          ନିର୍ଯ୍ୟାତନା ସୁର
          ପୁରକୁ ଦିଶିଲେ ଲଜ୍ଜା
ହେବ ବୋଲିଦିବା          ନାଥଙ୍କ ସେ କିବା
          ଶୁଭ୍ର ଯବନିକା ସଜ୍ଜା

Prepp
Your Personal Exams Guide

**8.** ସଂକ୍ଷେପରେ ଉତ୍ତର ଲେଖ । (୫ଟିର) *2×5=10*

(କ) ଆଗରୁ ଦୁଇଖଣ୍ଡ କ୍ଷୁଦ୍ରଗ୍ରାମର ଲୋକେ କାହିଁକି କଳି କରୁଥିଲେ ?

(ଖ) ସାଧାରଣତଃ ଲୋକେ ଅପରାଧ ସଂପର୍କରେ କ'ଣ ବିଚାର କରିଥାଆନ୍ତି ?

(ଗ) ଭାରତର ଶିକ୍ଷାମନ୍ତ୍ରୀ ସଂସ୍କୃତିର ସୁରକ୍ଷା ପାଇଁ କି ଯୁକ୍ତି ବାଢ଼ିଥିଲେ ?

(ଘ) ବାନପ୍ରସ୍ଥାଶ୍ରମ କ'ଣ ?

(ଙ) ମହାଜନମାନଂକର ବୈଶିଷ୍ଟ୍ୟ କ'ଣ ?

(ଚ) ଚନ୍ଦ୍ରଭାଗାର ଅର୍ଦ୍ଧେନ୍ଦୁରେ କ'ଣ ଶୋଭା ପାଉଥିଲା ?

(ଛ) ବଧିରବିଶ୍ୱବାଦୀ ବୋଲି କାହାକୁ ଓ କାହିଁକି କୁହାଯାଇଛି ?

**9.** ଯେ କୌଣସି ***ଦୁଇଟି*** ପ୍ରଶ୍ନର ଉତ୍ତର ଦିଅ । *2×5=10*

(କ) ବେଣୁଧର ପାଠ ପଢ଼ିବା ସମୟର ଅନୁଭୂତିକୁ ନେଇ କ'ଣ ଭାବିଚାଲିଛି ?

(ଖ) କେଉଁକାମ କରି ଗଦେଇର ମୁଣ୍ଡ ଚନ୍ଦା ହୋଇଗଲାଣି ?

(ଗ) ରାଓଙ୍କୁ କିଏ କାହିଁକି ନିରୀହ ବୋଲି ମନେ କଲେ ?

(ଘ) କାହାର ଗନ୍ଧବାରି ମାଗୁଣିଟା ରାହାଧରି କାନ୍ଦିଥିଲା ?